# NATIONAL NEWS BULLETIN (ODIA)
## 29 May - 2025
## Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ଆଜିଠାରୁ ୪ଟି ରାଜ୍ୟ ଗସ୍ତ କରି ୭୦ ହଜାର କୋଟିରୁ ଅଧିକ ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ ।
- ୧୪ଟି ଖରିଫ୍ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧିକୁ ଅନୁମୋଦନ କରିଛି କେନ୍ଦ୍ର କ୍ୟାବିନେଟ୍ ।
- ରାଷ୍ଟ୍ରପତି ଭବନରେ ଆଜିଠାରୁ ଆରମ୍ଭ ହେବ ଦୁଇଦିନିଆ ସାହିତ୍ୟ ସମ୍ମିଳନୀ ।
- ପ୍ରକଳ୍ପ କାର୍ଯ୍ୟ ଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ଉପରେ ପ୍ରଗତି ବୈଠକରେ ଗୁରୁତ୍ୱାରୋପ କରିଛନ୍ତି ପ୍ରଧାନମନ୍ତ୍ରୀ ।

ଏବଂ

- ଆଇପିଏଲ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ପ୍ରଥମ କ୍ୱାଲିଫାୟର୍‌ରେ ଆଜି ମୁହାଁମୁହିଁ ହେବେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ପଞ୍ଜାବ କିଙ୍ଗସ୍ ।

# ପିଏମ୍ ଷ୍ଟେଟସ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ୪ଟି ରାଜ୍ୟ ଗସ୍ତ କରି ୭୦ ହଜାର କୋଟିରୁ ଅଧିକ ଟଙ୍କା ମୂଲ୍ୟର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଆଜି ପ୍ରଥମେ ସିକ୍କିମ୍ ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ 'ସିକ୍କିମ୍‌ର ୫୦ ବର୍ଷ ପ୍ରୟୋଜନ ମୂଳକ ପ୍ରଗତି ଏବଂ ପ୍ରକୃତି ସହିତ ବିକାଶ' ସମ୍ପର୍କିତ ବିଷୟ ଉପରେ ଆଧାରିତ କାର୍ଯ୍ୟକ୍ରମରେ ଭାଗ ନେବେ । ସିକ୍କିମ୍‌ର ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଅନେକ ଗୁଡ଼ିଏ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ୍ ଏବଂ ଶିଳାନ୍ୟାସ କରିବା ସହ ଏକ ଜନସଭାକୁ ସମ୍ବୋଧନ କରିବେ । ସିକ୍କିମ୍ ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂହ ତମାଙ୍ଗଙ୍କ ରାଜନୈତିକ ସଚିବ ବିକାଶ ବସ୍ନେଟ୍ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ଏବଂ ଶୁଣିବା ପାଇଁ ସିକ୍କିମ୍‌ର ଜନସାଧାରଣ ଆଗ୍ରହର ସହ ଅପେକ୍ଷା କରିଛନ୍ତି ।

**V/O-Bikash Basnet**

ସିକ୍କିମ୍‌ରେ ହେବାକୁ ଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ନାମ୍‌ଚି ଜିଲ୍ଲାରେ ୭୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ୫୦୦ ଶଯ୍ୟା ବିଶିଷ୍ଟ ଏକ ନୂତନ ଜିଲ୍ଲା ହସ୍ପିଟାଲ୍, ଗ୍ୟାଲ୍‌ସିଙ୍ଗ ଜିଲ୍ଲାର ସାଙ୍ଗାଚୋଏଲିଂଠାରେ ଏକ ଯାତ୍ରୀ ରୋପ୍‌ୱେ, ଗ୍ୟାଙ୍ଗ୍‌ଟକ୍ ଜିଲ୍ଲାର ସାଙ୍ଗ୍‌ଖୋଲାର ଅଟଳ ଅମୃତ ଉଦ୍ୟାନଠାରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଆଦି ରହିଛି । ସିକ୍କିମ୍ ରାଜ୍ୟ ପ୍ରତିଷ୍ଠାର ୫୦ ବର୍ଷ ପୂର୍ତ୍ତି ଅବସରରେ ଶ୍ରୀ ମୋଦି ଏକ ସ୍ମାରକୀ ମୁଦ୍ରା, ଷ୍ଟାମ୍ପ୍ ଉନ୍ମୋଚନ କରିବାର ମଧ୍ୟ କାର୍ଯ୍ୟସୂଚୀ ରହିଛି ।

ପରେ ଶ୍ରୀ ମୋଦୀ ପଶ୍ଚିମବଙ୍ଗ ଗସ୍ତ କରି ଅଲ୍ଲୀପୁରଦ୍ୱାର ଠାରେ ସିଟି ଗ୍ୟାସ୍ ବିତରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ କୁଚବେହାରଠାରେ ମଧ୍ୟ କେତେକ ପ୍ରକଳ୍ପର ଶିଳାନ୍ୟାସ କରିବେ । ପଶ୍ଚିମବଙ୍ଗରେ ୧ ହଜାର ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ବିହାର ଗସ୍ତ କରି ପାଟ୍‌ନା ଏୟାରପୋର୍ଟଠାରେ ଏକ ନୂଆ ଟର୍ମିନାଲ କୋଠାର ଉଦ୍‌ଘାଟନ କରିବେ । ଆସନ୍ତାକାଲି ବିହାରର କାରାକାଟଠାରେ ପ୍ରଧାନମନ୍ତ୍ରୀ ୪୮ହଜାର ୫୨୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଜାତୀୟ ବହୁମୁଖୀ ବିକାଶ ପ୍ରକଳ୍ପର ଲୋକାର୍ପଣ କରିବେ । ଏହି ଅବସରରେ ସେ ଏକ ସାଧାରଣ ସଭାକୁ ମଧ୍ୟ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି ।

ପ୍ରଧାନମନ୍ତ୍ରୀ ଉତ୍ତରପ୍ରଦେଶ ଗସ୍ତ କରି କାନପୁରନଗର ଠାରେ ୨୦ ହଜାର ୯୦୦ କୋଟି ଟଙ୍କା ବ୍ୟୟରେ ଏକ ବହୁମୁଖୀ ଉନ୍ନୟନ ପ୍ରକଳ୍ପର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ।

## କ୍ୟାବିନେଟ୍

ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ୨୦୨୫-୨୬ ବିପଣନ ଋତୁ ପାଇଁ ୧୪ଟି ଖରିଫ୍ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧିକୁ ଅନୁମୋଦନ କରିଛନ୍ତି । ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

କହିଛନ୍ତି, କୃଷକମାନେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ସଠିକ୍ ମୂଲ୍ୟ ପାଇବା ସୁନିଶ୍ଚିତ କରିବା ଲକ୍ଷ୍ୟରେ ସରକାର ଖରିଫ୍ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିଛନ୍ତି । ପୂର୍ବବର୍ଷ ତୁଳନାରେ ଏମ୍.ଏସ୍.ପି.ରେ ସର୍ବାଧିକ ବୃଦ୍ଧି ନାଇଜର୍ ବିହନ ପାଇଁ କୁଇଣ୍ଟାଲ୍ ପିଛା ୮୨୦ ଟଙ୍କା, ରାଗି କୁଇଣ୍ଟାଲ୍ ପିଛା ୫୯୬ ଟଙ୍କା, କପା କୁଇଣ୍ଟାଲ ପିଛା ୫୮୯ ଟଙ୍କା ଏବଂ ରାଶି କୁଇଣ୍ଟାଲ ପିଛା ୫୭୯ ଟଙ୍କା ସୁପାରିସ କରାଯାଇଛି ।

**V/O-2-VAISHNAW-Kharip**

କ୍ୟାବିନେଟ୍ କମିଟି ୨୦୨୫-୨୬ ବର୍ଷପାଇଁ ସଂଶୋଧିତ ସୁଧ ଯୋଜନା ଅଧୀନରେ ଆବଶ୍ୟକ ପାଣ୍ଠି ବ୍ୟବସ୍ଥାକୁ ଅନୁମୋଦନ କରିଛି । ଏହା ଏକ କେନ୍ଦ୍ରୀୟ ଯୋଜନା, ଯାହାକି କିଷାନ୍ କ୍ରେଡିଟ୍ କାର୍ଡ଼ ମାଧ୍ୟମରେ ଚାଷୀମାନଙ୍କୁ ସୁଲଭ ସୁଧହାରରେ ସ୍ୱଳ୍ପକାଳୀନ ଋଣ ଉପଲବ୍ଧତାକୁ ସୁନିଶ୍ଚିତ କରାଇଥାଏ । ଏ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ ସୂଚନା ଦେଇ କହିଛନ୍ତି;

**V/O-3-VAISHNAW-Interest**

ସେହିପରି କ୍ୟାବିନେଟ୍ କମିଟି ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶରେ ଭାରତୀୟ ରେଳବାଇରେ ଦୁଇଟି ମଲ୍ଟି ଟ୍ରାକିଂ ପ୍ରକଳ୍ପକୁ ମଧ୍ୟ ଅନୁମୋଦନ କରିଛନ୍ତି । ଏଥିଲାଗି ୩ ହଜାର ୩୯୯ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି ଏବଂ ଏହା ୨୦୨୯-୩୦ ମସିହା ସୁଦ୍ଧା ଶେଷ ହେବ ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ।

କ୍ୟାବିନେଟ୍ ବୈଠକରେ ଆନ୍ଧ୍ରପ୍ରଦେଶରେ ୩ ହଜାର ୬୫୩ କୋଟି ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୧୦୮ କିଲୋମିଟରରୁ ଅଧିକ ୪ ଲେନ୍ ବିଶିଷ୍ଟ ବାଡ୍‌ଭେଲ୍-ନେଲୋର କରିଡର ନିର୍ମାଣକୁ ମଧ୍ୟ ଅନୁମୋଦନ ମିଳିଛି ।

## ପ୍ରେଜ୍-ଲିଟେରାରୀ କନ୍‌ଫରେନ୍ସ

ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାହିତ୍ୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଏହି ଦୁଇଦିନିଆ ସମ୍ମିଳନୀରେ କବି ସମ୍ମିଳନୀ, ଭାରତର ନାରୀବାଦୀ ସାହିତ୍ୟ, ସାହିତ୍ୟରେ ପରିବର୍ତ୍ତନ ଏବଂ ବିଶ୍ୱ ଦୃଷ୍ଟିକୋଣରେ ଭାରତୀୟ ସାହିତ୍ୟର ନୂତନ ଦିଗ୍‌ଦର୍ଶନ ସଂକ୍ରାନ୍ତ ବିଭିନ୍ନ ଅଧିବେଶନ ଅନୁଷ୍ଠିତ ହେବ । ଦେବୀ ଅହଲ୍ୟା ବାଈ ହୋଲ୍‌କରଙ୍କ କାହାଣୀ ସହିତ ଏହି ସମ୍ମିଳନୀ ଉଦ୍‌ଯାପିତ ହେବ । ସାହିତ୍ୟ ଏକାଡେମୀ ସହଯୋଗରେ ରାଷ୍ଟ୍ରପତି ଭବନରେ ଏହି ଦୁଇଦିନିଆ ସମ୍ମିଳନୀର ଆୟୋଜନ କରାଯାଉଛି । ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ ଏବଂ ଦେଶର ବିଶିଷ୍ଟ ସାହିତ୍ୟିକମାନେ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବେ ।

## ଅଲ୍ ପାର୍ଟି ଡେଲିଗେସନ୍

ଆତଙ୍କବାଦ ପ୍ରତି ଭାରତର ଶୂନ୍ୟସହନଶୀଳତା ନୀତି ଏବଂ ପାକିସ୍ତାନର ଆତଙ୍କୀ କାର୍ଯ୍ୟକଳାପ ସମ୍ପର୍କରେ ବିଶ୍ୱକୁ ଅବଗତ କରାଇବା ଲାଗି ଗଠିତ ସର୍ବଦଳୀୟ ସଂସଦୀୟ ପ୍ରତିନିଧି ଦଳ ବିଭିନ୍ନ ଦେଶ ଗସ୍ତ କରିଛନ୍ତି । ସାଂସଦ ସଞ୍ଜୟ ଝାଙ୍କ ନେତୃତ୍ୱାଧୀନ ପ୍ରତିନିଧି ଦଳ

ଇଣ୍ଡୋନେସିଆର ଜାକର୍ତାରେ ପହଞ୍ଚିଛନ୍ତି । ପ୍ରତିନିଧି ଦଳ ଜାପାନ, ଦକ୍ଷିଣ କୋରିଆ ଏବଂ ସିଙ୍ଗାପୁର ଗସ୍ତ କରି ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ସମ୍ପର୍କରେ ସେଠାକାର ନେତୃବୃନ୍ଦଙ୍କୁ ଅବଗତ କରାଇଛନ୍ତି । ଏହି ପ୍ରତିନିଧି ଦଳ ଆନ୍ତଃ ସଂସଦୀୟ ସହଯୋଗ ସମିତିର ଉପାଧ୍ୟକ୍ଷ ମହମ୍ମଦ ହୁସେନ ଫଦ୍‌ଲୁଲୋ ଏବଂ ଇଣ୍ଡୋନେସିଆ-ଭାରତ ସଂସଦୀୟ ବନ୍ଧୁତ୍ୱ ଗୋଷ୍ଠୀର ଅଧ୍ୟକ୍ଷ ମହମ୍ମଦ ରଫିକ୍‌ଙ୍କ ସହ ସାକ୍ଷାତ ଆଲୋଚନା କରି ଆତଙ୍କବାଦର ମୂଳୋତ୍ପାଟନ ପାଇଁ ଭାରତର ପ୍ରତିବଦ୍ଧତା ସମ୍ପର୍କରେ ବିସ୍ତୃତ ବାର୍ତ୍ତା ଦେଇଛନ୍ତି । ଇଣ୍ଡୋନେସିଆ ପ୍ରତିପକ୍ଷ ଏଭଳି ଆତଙ୍କବାଦୀ କାର୍ଯ୍ୟକଳାପକୁ ନିନ୍ଦା କରିବା ସହ ଆଲୋଚନା ଜରିଆରେ ସମସ୍ୟାର ସମାଧାନ ଲାଗି କହିଛନ୍ତି । ଇଣ୍ଡୋନେସିଆ ଭାରତର ଆତଙ୍କବାଦ ପ୍ରତି ଶୂନ୍ୟସହନଶୀଳତା ନୀତିକୁ ସମର୍ଥନ କରିଛନ୍ତି ।

ଡି.ଏମ୍.କେ. ସାଂସଦ କାନିମୋଇଙ୍କ ନେତୃତ୍ୱାଧୀନ ପ୍ରତିନିଧି ଦଳ ଗ୍ରୀସ୍‌ରେ ପହଞ୍ଚି ଭାରତର ଆତଙ୍କବାଦ ବିରୋଧୀ ନୀତି ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି । ଗ୍ରୀସ୍‌ର ବୈଦେଶିକ ଉପମନ୍ତ୍ରୀଙ୍କୁ ସାକ୍ଷାତ କରି ବିସ୍ତୃତ ଆଲୋଚନା ହୋଇଥିବା ଜଣାପଡ଼ିଛି ।

## ରୁଷ ଅପରେସନ୍ ସିନ୍ଦୂର

ରୁଷ ରାଷ୍ଟ୍ରଦୂତ ଡେନିସ୍ ଆଲିପଭ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱକୁ ପ୍ରଶଂସା କରିବା ସହ ଅପ୍ରେଲ୍ ୨୨ ପହଲଗାମ ଆତଙ୍କୀ ଆକ୍ରମଣର ଦୋଷୀଙ୍କୁ ଠାବ କରିବା ଏବଂ ଦଣ୍ଡ ଦେବା ପଦକ୍ଷେପକୁ ଉଚିତ୍

ବୋଲି କହିଛନ୍ତି । ସେ କହିଛନ୍ତି, ଭାରତକୁ ରୁଷ ସବୁବେଳେ ଆତଙ୍କବାଦ ବିରୋଧୀ କାର୍ଯ୍ୟକଳାପର ମୁକାବିଲାରେ ସମର୍ଥନ କରିଆସୁଛି ।

ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ଚଳିତ ବର୍ଷ ଭାରତ ଗସ୍ତରେ ଆସିବାର ସମ୍ଭାବନା ଥିବା ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ ରୁଷ ରାଷ୍ଟ୍ରପତି ଭାରତ ଆସିବେ । ଶେଷଥର ଲାଗି ୨୦୨୧ରେ ରୁଷ ରାଷ୍ଟ୍ରପତି ଭାରତ ଆସିଥିଲେ । ସେହି ସମୟରେ ନୂଆଦିଲ୍ଲୀରେ ଭାରତ ରୁଷ ୨୧ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଗତବର୍ଷ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦୁଇ ଦୁଇଥର ରୁଷ ଗସ୍ତ କରି ରୁଷ-ଭାରତ ସମ୍ମିଳନୀ ଏବଂ ବ୍ରିକ୍ସ ସମ୍ମିଳନୀରେ ଯୋଗଦେଇଥିଲେ ।

## ପିଏମ୍-ପ୍ରଗତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଗତି ବୈଠକରେ ଅଧ୍ୟକ୍ଷତା କରି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଉଥିବା ବିଭିନ୍ନ ଯୋଜନା ଗୁଡ଼ିକର ସଠିକ୍ ସମୟରେ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଗତକାଲି ଅନୁଷ୍ଠିତ ପ୍ରଗତି ବୈଠକରେ ପ୍ରଧାନମନ୍ତ୍ରୀ ୬୨ ହଜାର କୋଟିରୁ ଅଧିକ ଟଙ୍କା ମୂଲ୍ୟର ତିନୋଟି ପ୍ରମୁଖ ପ୍ରକଳ୍ପର ସମୀକ୍ଷା କରିଥିଲେ । ଏହି ପ୍ରକଳ୍ପ ଗୁଡ଼ିକ ସଡ଼କ ପରିବହନ, ଶକ୍ତି ଏବଂ ଜଳସମ୍ପଦ ସହ ସମ୍ପର୍କିତ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପ୍ରକଳ୍ପ ଗୁଡ଼ିକ ଯେଭଳି ସ୍ଥିରିକୃତ ସମୟ ମଧ୍ୟରେ ଶେଷ ହୋଇପାରିବ ତାହା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ବିଳମ୍ବ ହେଉଥିବାରୁ ଏଥିପାଇଁ ବ୍ୟୟବରାଦ

କରାଯାଇଥିବା ଅର୍ଥ ପରିମାଣ ବୃଦ୍ଧି ପାଇବା ଏବଂ ସାଧାରଣ ଲୋକଙ୍କ ଆବଶ୍ୟକତା ପୂରଣ ଦିଗରେ ସହାୟକ ହେଉନଥିବା ବିଷୟକୁ ଦୃଷ୍ଟି ଦେବାକୁ ଆହ୍ୱାନ ଦେଇଛନ୍ତି ।

## ପିଏମ୍-ଧିଣ୍ଡସା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶୁଖଦେବ ସିଂହ ଧିଣ୍ଡସାଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଶ୍ରୀ ଧିଣ୍ଡସାଙ୍କ ପରଲୋକ ଦେଶପାଇଁ ଏକ ଅପୂରଣୀୟ କ୍ଷତି । ଶ୍ରୀ ଧିଣ୍ଡସାଙ୍କୁ ପ୍ରଧାନମନ୍ତ୍ରୀ ଜନମାନସର ନେତା ଭାବେ ବର୍ଣ୍ଣନା କରି କହିଛନ୍ତି, ସେ ସବୁବେଳେ ସାଧାରଣ ଲୋକଙ୍କ ସମସ୍ୟା ସହିତ ଜଡ଼ିତ ରହୁଥିଲେ ଏବଂ ବିଶେଷ କରି ଗ୍ରାମାଞ୍ଚଳର ବିକାଶ, ସାମାଜିକ ନ୍ୟାୟ ଏବଂ ଲୋକମାନଙ୍କ ମଧ୍ୟରେ ଏକତାଭାବ ବୃଦ୍ଧି ଦିଗରେ କାର୍ଯ୍ୟ କରିଥିଲେ । ଗତ ସନ୍ଧ୍ୟାରେ ମୋହାଲିର ଏକ ଘରୋଇ ଡାକ୍ତରଖାନାରେ ଅଣାନବେ ବର୍ଷ ବୟସରେ ଶ୍ରୀ ଧିଣ୍ଡସାଙ୍କର ପରଲୋକ ଘଟିଥିଲା ।

## ଆଇପିଏଲ୍

ଆଇ.ପି.ଏଲ୍. କ୍ରିକେଟ୍‌ର ପ୍ଲେଅଫ୍ ପର୍ଯ୍ୟାୟ ମ୍ୟାଚ୍ ଆଜିଠାରୁ ଆରମ୍ଭ ହେବ । ପ୍ରଥମ କ୍ୱାଲିଫାୟର୍‌ରେ ତାଲିକାର ଦ୍ୱିତୀୟ ସ୍ଥାନରେ ଥିବା ରୟାଲ

ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ' ପଞ୍ଜାବ କିଙ୍ଗସ୍ ସହ ମୁକାବିଲା କରିବ । ଆଜି ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ମହାରାଜା ଯଜବେନ୍ଦ୍ର ସିଂହ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଖେଳାଯିବ ।

ଆସନ୍ତାକାଲି ଏଲିମିନେଟର ପର୍ଯ୍ୟାୟ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ହେବ । ଆସନ୍ତା ଜୁନ୍ ୧ତାରିଖ ରବିବାର ଦିନ ଦ୍ୱିତୀୟ କ୍ୱାଲିଫାୟର୍ ମ୍ୟାଚ୍ ଏବଂ ୩ ତାରିଖରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ ।